ଭାରତ ସଂଘ ଏବଂ ଅନ୍ୟଜଣେ

ବନାମ

ମେସର୍ସ ସୋହାନ ଲାଲ ପୁଗଲିୟା

ନଭେମ୍ବର 19, 2003

[ମୁଖ୍ୟ ନ୍ୟାୟାଧୀଶ ଭି. ଏନ୍. ଖାରେ, ଏସ୍. ବି. ସିହ୍ନା ଏବଂ ଡ. ଆର୍. ଲକ୍ଷ୍ମଣନ, ନ୍ୟାୟାଧୀଶବୃନ୍ଦ]

*ମଧ୍ୟସ୍ଥତା ଅଧିନିୟମ 1940:*

*ଧାରା 20 (4)- ଚୁକ୍ତିପତ୍ର -ଚୁକ୍ତିପତ୍ରର ମଧ୍ୟସ୍ଥତା ଖଣ୍ଡ, ଯାହା ପକ୍ଷମାନଙ୍କ ଦ୍ୱାରା ଗେଜେଟେଡ ଅଧିକାରୀମାନଙ୍କୁ ମଧ୍ୟସ୍ଥ ଭାବରେ ନିଯୁକ୍ତ କରିବା ପାଇଁ ବ୍ୟବସ୍ଥା ପ୍ରଦାନ କରିଥାଏ- ଚୁକ୍ତିପତ୍ରର ମଧ୍ୟସ୍ଥତା ଧାରାକୁ ଆବାହନ କରୁଥିବା ଠିକାଦାର-ବିଭାଗ କୌଣସି ମଧ୍ୟସ୍ଥଙ୍କୁ ନିଯୁକ୍ତି ନଦେବା -ଠିକାଦାର ଧାରା 20 ଅନୁଯାୟୀ ଜିଲ୍ଲା ନ୍ୟାୟାଧୀଶଙ୍କ ନିକଟରେ ଏକ ଆବେଦନ ଦାଖଲ କରିଥିଲେ, ଯିଏ ଦୁଇ ଜଣ ଅବସରପ୍ରାପ୍ତ ଜିଲ୍ଲା ନ୍ୟାୟାଧୀଶଙ୍କୁ ମଧ୍ୟସ୍ଥି ଭାବରେ ନିଯୁକ୍ତ କରିଥିଲେ- ବିଭାଗ ଯୁକ୍ତି ଦର୍ଶାଇଥିଲା ଯେ ଯେତେବେଳେ ଏହା ମଧ୍ୟସ୍ଥ ନିଯୁକ୍ତ କରିବାକୁ ମନା କଲା ନାହିଁ, ସେତେବେଳେ ଧାରା 20 ଅନୁଯାୟୀ ଗ୍ରହଣ ଯୋଗ୍ୟ ନଥିଲା-ନିର୍ଣ୍ଣିତ ଯେ, ଜିଲ୍ଲା ନ୍ୟାୟାଧୀଶ ପକ୍ଷମାନଙ୍କୁ ମଧ୍ୟସ୍ଥତା ଚୁକ୍ତିପତ୍ର ଆଧାରରେ ମଧ୍ୟସ୍ଥି ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍ ଥିଲା- ପକ୍ଷମାନଙ୍କୁ ଚୁକ୍ତିରେ ଥିବା ମଧ୍ୟସ୍ଥତା ଖଣ୍ଡ ସହିତ ସୁସଂଗତି ଆଧାରରେ ମଧ୍ୟସ୍ଥି ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।*

ଜି. ରାମଚନ୍ଦ୍ର ରେଡ୍ଡୀ ଏବଂ କମ୍ପାନୀ ବନାମ ମୁଖ୍ୟ ଇଞ୍ଜିନିୟର, ମାଡ୍ରାସ ଜୋନ୍, ମିଲିଟାରୀ ଇଞ୍ଜିନିୟରିଂ ସର୍ଭିସ୍, **[1994] 5 SCC 142, ମାମଲା ଉଲ୍ଲେଖ କରାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 5377/1998 ।

S.B.C.R.P. ସଂଖ୍ୟା 751/1997 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର 15.1.98 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ତରଫରୁ ୱାଇ. ପି. ମହାଜନ ଏବଂ ସୁଶ୍ରୀ ସୁଷମା ସୁରୀ ।

ଉତ୍ତରଦାତାମାନଙ୍କ ପାଇଁ ବିଜନ କୁମାର ଘୋଷ ।

ନ୍ୟାୟାଳଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏଠାରେ ଥିବା ପକ୍ଷମାନେ 2.9.93 ରେ କିମ୍ବା ପାଖାପାଖି ସେହି ସମୟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ଯାହା ସ୍ଥାୟୀ ମାର୍ଗ ପାଇଁ ଗେଟି ମହଜୁଦ ସହିତ ଫଟା ଏବଂ ଷ୍ଟେସନ ପରିସର ଇତ୍ୟାଦି ପାଇଁ 50 ମିମି ମାପର ପଥର ଗେଟି ମେସିନ୍ ଯୋଗାଣ ସମ୍ବନ୍ଧରେ ଥିଲା । ପକ୍ଷମାନଙ୍କ ମଧ୍ୟରେ ବିବାଦ ଏବଂ ମତଭେଦ ସୃଷ୍ଟି ହେବା ପରେ, ଉତ୍ତରଦାତା ଉକ୍ତ ଚୁକ୍ତିରେ ଥିବା ମଧ୍ୟସ୍ଥତା ଧାରାକୁ ଆବାହନ କରିଥିଲେ ।

ଯେହେତୁ ଏଠାରେ ଆବେଦନକାରୀମାନେ ଏହାର ସର୍ତ୍ତାବଳୀ ଅନୁଯାୟୀ ଜଣେ ମଧ୍ୟସ୍ଥ ନିଯୁକ୍ତ କରିନଥିଲେ, ତେଣୁ ମଧ୍ୟସ୍ଥତା ଅଧିନିୟମ 1940ର ଧାରା 20 ଅନୁଯାୟୀ ଉତ୍ତରଦାତାଙ୍କ ଦ୍ୱାରା ଏକ ଆବେଦନ ଦାଖଲ କରାଯାଇଥିଲା ଏବଂ 7.4.97 ର ଏକ ଆଦେଶ ଦ୍ୱାରା, ଜୟପୁର ସହରର, ଜିଲ୍ଲା ଏବଂ ଦୌରା ବିଚାରପତି, ଦୁଇ ଜଣ ଅବସରପ୍ରାପ୍ତ ଜିଲ୍ଲା ନ୍ୟାୟାଧୀଶଙ୍କୁ ମଧ୍ୟସ୍ଥ ଭାବରେ ନିଯୁକ୍ତ କରିଥିଲେ । ଏଠାରେ ଥିବା ଆବେଦନକାରୀମାନେ ସେଠାରେ ଏକ ପୁନରୀକ୍ଷଣ ଆବେଦନ ଦାଖଲ କରିଥିଲେ ଏବଂ 15.1.98 ତାରିଖର ଆକ୍ଷେପିତ ରାୟ ଦ୍ୱାରା ଏହାକୁ ଖାରଜ କରାଯାଇଥିଲା ।

ବିଚାର ପାଇଁ  ନ୍ୟାୟାଳୟ ସମ୍ମୁଖରେ ଉଠାଯାଇଥିବା ମୁଖ୍ୟ ପ୍ରଶ୍ନଟି ଥିଲା ଯେ ଆବେଦନକାରୀମାନେ ଯେତେବେଳେ ଜଣେ ମଧ୍ୟସ୍ଥି ନିଯୁକ୍ତ କରିବାକୁ ମନା କରିନଥିଲେ, ସେତେବେଳେ ଅଧିନିୟମର ଧାରା 20 ଅନୁଯାୟୀ ଆବେଦନଟି ଗ୍ରହଣ ଯୋଗ୍ୟ ନଥିଲା ।  ଉଚ୍ଚ ନ୍ୟାୟାଳୟ ଜି. ରାମଚନ୍ଦ୍ର ରେଡ୍ଡୀ ଏବଂ କମ୍ପାନୀ ବନାମ ମୁଖ୍ୟ ଇଞ୍ଜିନିୟର, ମାଡ୍ରାସ ଜୋନ୍, ମିଲିଟାରୀ ଇଞ୍ଜିନିୟରିଂ ସର୍ଭିସ୍  ମାମଲାରେ ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟକୁ ବିଚାରକୁ ନେଇ, [1994] 5 SCC 142 ରେ ନିବୃତ କୁ ନେଇ ଉକ୍ତ ଯୁକ୍ତିକୁ ଅସ୍ୱୀକାର କରିଥିଲେ ।

ଆବେଦନକାରୀଙ୍କ ପକ୍ଷରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଏଚ. ଏଲ. ଅଗ୍ରୱାଲ କହିଥିଲେ ଯେ ଜୟପୁର ସହରର ଜିଲ୍ଲା ବିଚାରପତି ନିଯୁକ୍ତି ଦେବା ସମୟରେ ମଧ୍ୟସ୍ଥତା ଖଣ୍ଡରେ ଥିବା ସର୍ତ୍ତାବଳୀ ତଥା ମଧ୍ୟସ୍ଥତାର ଧାରା 20ର ଉପଧାରା (4) କୁ ମଧ ବିଚାରକୁ ନେବା ଉଚିତ ଥିଲା ଏବଂ ଯେଉଁଠାରେ ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ବିବାଦ ଥିବା ସେଠାରେ ମାମଲାରେ ଥିବା ପକ୍ଷମାନେ

ଗେଜେଟେଡ୍ ଅଧିକାରୀଙ୍କୁ ନିଯୁକ୍ତ କରିବାର ଥିଲା । ମଧ୍ୟସ୍ଥତା ଅଧିନିୟମ 1940ର ଧାରା 20ର ଉପଧାରା (4) ନିମ୍ନରେ ଦିଆଗଲା:

" 20 (4) ଯେଉଁଠାରେ କୌଣସି ପର୍ଯ୍ୟାପ୍ତ କାରଣ ଦର୍ଶାଯାଇନାହିଁ, ସେଠାରେ ନ୍ୟାୟାଳୟ ଚୁକ୍ତିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେବେ, ଏବଂ ସେମାନେ ଚୁକ୍ତିପତ୍ରରେ ହେଉ କିମ୍ବା ଅନ୍ୟଥା ଭାବରେ ,ପକ୍ଷମାନଙ୍କ ଦ୍ଵାରା ନିଯୁକ୍ତ ମଧ୍ୟସ୍ଥିଙ୍କ ନିକଟକୁ ସନ୍ଦର୍ଭ ଆଦେଶକୁ ବିଚାରର୍ଥେ ପ୍ରେରଣ କରିବେ କିମ୍ବା, ଯେଉଁଠାରେ ପକ୍ଷମାନେ ମଧ୍ୟସ୍ଥିଙ୍କ ନିଯୁକ୍ତିରେ ସହମତ ହୋଇପାରିବେ ନାହିଁ, ସେଠାରେ ନ୍ୟାୟାଳୟଙ୍କ ଦ୍ଵାରା ନିଯୁକ୍ତ ମଧ୍ୟସ୍ଥିଙ୍କ ନିକଟକୁ ଏକ ସନ୍ଦର୍ଭ ଆଦେଶ ଦେବେ ।

ଉକ୍ତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି, ଆମର ମତ ହେଉଛି ଯେ ବିଦ୍ଵାନ ଜିଲ୍ଲା ବିଚାରପତି ପକ୍ଷମାନଙ୍କୁ ମଧ୍ୟସ୍ଥତା ଚୁକ୍ତିନାମା ଅନୁଯାୟୀ ମଧ୍ୟସ୍ଥ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍ ଥିଲା । ମାମଲାର ଏହି ଦିଗକୁ ଉଚ୍ଚ ନ୍ୟାୟାଳୟ ବିଚାର କରିନାହାନ୍ତି ।

ତେଣୁ ଆମେ, ଜିଲ୍ଲା ବିଚାରପତିଙ୍କ ଦ୍ଵାରା ପାରିତ ଆଦେଶ ପରିବର୍ତ୍ତନ ପରେ, ପକ୍ଷମାନଙ୍କୁ ଚୁକ୍ତିରେ ଥିବା ମଧ୍ୟସ୍ଥତା ଖଣ୍ଡ ସହିତ ସୁସଂଗତ ଭାବରେ ମଧ୍ୟସ୍ଥ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଉଛୁ ।

ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି ।

ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବିଦ୍ଵାନ ଓକିଲ କହିଛନ୍ତି ଯେ ଏହି ତାରିଖ ଠାରୁ ଏକ ମାସ ମଧ୍ୟରେ ମଧ୍ୟସ୍ଥଙ୍କ ନାମ ଘୋଷଣା କରାଯିବ ଏବଂ ଏହାର ସୂଚନା ଉତ୍ତରଦାତାଙ୍କୁ ଦିଆଯିବ । ଫଳସ୍ଵରୂପ ଏଠାରେ ଥିବା ଉତ୍ତରଦାତାଙ୍କୁ ଉପରୋକ୍ତ ଅବଧି ମଧ୍ୟରେ ଜଣେ ମଧ୍ୟସ୍ଥି ନିଯୁକ୍ତ କରିବାକୁ ଏବଂ ଆବେଦନକାରୀଙ୍କୁ ଏହା ବିଷୟରେ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆମେ ଆଶା କରୁଛୁ ଯେ ବିଦ୍ଵାନ ମଧ୍ୟସ୍ଥମାନେ ଏହି ପ୍ରସଙ୍ଗ ଦୀର୍ଘ ସମୟ ଧରି ବିଚାରାଧୀନ ଥିବା ତଥ୍ୟକୁ ଦୃଷ୍ଟିରେ ରଖି ସନ୍ଦର୍ଭ ଭିତରକୁ ଯିବା ତାରିଖ ଠାରୁ ଚାରି ମାସ ମଧ୍ୟରେ ଏକ ଅଧିନିର୍ଣ୍ଣେ ପ୍ରଦାନ କରିବେ । ମଧ୍ୟସ୍ଥମାନଙ୍କ ଦେୟ ମଧ୍ୟସ୍ଥମାନେ ନିଜେ ସ୍ଥିର କରିବେ ।

R.P ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।